# NATIONAL NEWS BULLETIN (ODIA)
## 5 September - 2024
## Morning Bulletin : 7.15 a.m.

********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ତାଙ୍କର ସିଙ୍ଗାପୁର ପ୍ରତିପକ୍ଷ ଲରେନ୍ସ ଓ୍ୱଙ୍ଗ ଆଜି ଉଭୟ ଦେଶର ରଣନୈତିକ ଭାଗିଦାରୀର ଅଗ୍ରଗତି ସମୀକ୍ଷା କରିବେ ।
- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନଠାରେ ପ୍ରଦାନ କରିବେ ଜାତୀୟ ଶିକ୍ଷକ ପୁରସ୍କାର ।
- ଭାରତର ବୟନ ଶିଳ୍ପ କାରବାର ୨୦୩୦ ମସିହା ସୁଦ୍ଧା ୩୫୦ ବିଲିୟନ୍ ଆମେରିକୀୟ ଡଲାର ଛୁଇଁବାର ସମ୍ଭାବନା ରହିଛି, କହିଲେ କେନ୍ଦ୍ର ବୟନଶିଳ୍ପ ମନ୍ତ୍ରୀ ।
- ହରିଆଣା ବିଧାନସଭା ନିର୍ବାଚନ ଲାଗି ଆଜି ପ୍ରକାଶ ପାଇବ ବିଜ୍ଞପ୍ତି ।

ଏବଂ

- ପ୍ୟାରିସ୍ ପାରାଅଲିମ୍ପିକ୍ସ ୨୦୨୪ର ପୁରୁଷ ତୀରନ୍ଦାଜ ବ୍ୟକ୍ତିଗତ ରିକର୍ଭ ଓପନ୍ ଫାଇନାଲ୍‌ରେ ସ୍ୱର୍ଣ୍ଣପଦକ ଜିତି ଇତିହାସ ରଚିଲେ ଭାରତର ହରବିନ୍ଦର ସିଂ ।

# ପିଏମ୍-ସିଙ୍ଗାପୁର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ତାଙ୍କର ସିଙ୍ଗାପୁର ପ୍ରତିପକ୍ଷ ଲରେନ୍ସ ୱଙ୍ଗ ଙ୍କ ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିବେ । ଉଭୟ ନେତା ଭାରତ-ସିଙ୍ଗାପୁର ରଣନୈତିକ ଭାଗିଦାରୀର ଅଗ୍ରଗତି ସମୀକ୍ଷା କରିବା ସହିତ  ଆପୋଷ ସ୍ୱାର୍ଥ ଜଡ଼ିତ ବିଭିନ୍ନ ଆଞ୍ଚଳିକ ଓ ବୈଶ୍ୱିକ ସମସ୍ୟା ଉପରେ ମତ ବିନିମୟ କରିବେ । ବ୍ରୁନେଇ ଗସ୍ତ ଶେଷକରି ଗତକାଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସିଙ୍ଗାପୁରର ଲାୟନ ସିଟିରେ ପହଞ୍ଚିଛନ୍ତି । ତାଙ୍କ ସମ୍ମାନାର୍ଥେ ସିଙ୍ଗାପୁର ପ୍ରଧାନମନ୍ତ୍ରୀ ଗତସନ୍ଧ୍ୟାରେ ଏକ ନୈଶ୍ୟଭୋଜିର ଆୟୋଜନ କରିଥିଲେ । ଏ ସଂପର୍କରେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ କହିଛନ୍ତି ସିଙ୍ଗାପୁର ପ୍ରଧାନମନ୍ତ୍ରୀଙ୍କ ସହିତ ସେ ବିଭିନ୍ନ ପ୍ରସଙ୍ଗରେ ବିସ୍ତୃତ ଭାବେ ଆଲୋଚନା କରିଛନ୍ତି । ସିଙ୍ଗାପୁର ସହିତ ବନ୍ଧୁତ୍ୱକୁ ଭାରତ ପ୍ରାଥମିକତା ଦେଇଆସୁଛି ବୋଲି ସେ ଉଲ୍ଲେଖ କରିଛନ୍ତି । ଏହାଛଡ଼ା ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆଜି ସିଙ୍ଗାପୁର ରାଷ୍ଟ୍ରପତିଙ୍କ ସମେତ ଅନ୍ୟ ନେତୃବୃନ୍ଦଙ୍କ ସହ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ସେହିଭଳି ସିଙ୍ଗାପୁରର ପ୍ରତିଷ୍ଠିତ କମ୍ପାନିଗୁଡ଼ିକର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କ ସହିତ ପ୍ରଧାନମନ୍ତ୍ରୀ ଏକ ବୈଠକରେ ଯୋଗଦେବେ ।

ଏହାଛଡ଼ା ଶ୍ରୀ ମୋଦୀ ସେଠାରେ ଥିବା ଏକ ସେମିକଣ୍ଡକ୍ଟର ହବ୍ ପରିଦର୍ଶନ କରିବାର କାର୍ଯ୍ୟସୂଚୀ ରହିଛି ।

ପ୍ରଧାନମନ୍ତ୍ରୀଙ୍କର ସିଙ୍ଗାପୁର ଗସ୍ତ ସମ୍ପର୍କରେ ସୂଚନା ଦେଇ ଆମ ସମ୍ବାଦଦାତା ଜଣାଇଛନ୍ତି, ଭାରତର ଆକ୍ଟ ଇଷ୍ଟ ନୀତିକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଶ୍ରୀ ମୋଦୀଙ୍କର ଏହି ଗସ୍ତ ଅନେକ ଗୁରୁତ୍ୱ ବହନ କରେ । ପ୍ରାୟ ୬ ବର୍ଷ ପରେ ଶ୍ରୀ ମୋଦୀ ସିଙ୍ଗାପୁର ଗସ୍ତ କରିଛନ୍ତି । ଭାରତ-ସିଙ୍ଗାପୁର ମଧ୍ୟରେ ପ୍ରତିରକ୍ଷା କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇବା ସହିତ ବାଣିଜ୍ୟ ଏବଂ ପୁଞ୍ଜିନିବେଶ ମଧ୍ୟ ସାମ୍ପ୍ରତିକ ସ୍ଥିତିରେ ବୃଦ୍ଧି ପାଇଛି । ବାଣିଜ୍ୟ କ୍ଷେତ୍ରରେ ସିଙ୍ଗାପୁର ଭାରତର ସର୍ବବୃହତ ଆସିଆନ୍ ଭାଗିଦାରୀ ଭାବେ କାର୍ଯ୍ୟ କରୁଛି । ଏହାଛଡ଼ା ଦେଶରେ ବିଦେଶ ପ୍ରତ୍ୟକ୍ଷ ପୁଞ୍ଜିନିବେଶ କ୍ଷେତ୍ରରେ ମଧ୍ୟ ସିଙ୍ଗାପୁର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି । ୨୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସେମିକଣ୍ଡକ୍ଟର କ୍ଷେତ୍ରରେ ସିଙ୍ଗାପୁରର ବିଶେଷ ଅଭିଜ୍ଞତା ରହିଥିବା ଦୃଷ୍ଟିରୁ ଭାରତକୁ ମଧ୍ୟ ଏହାର ସୁଫଳ ମିଳୁଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

## ଶିକ୍ଷକ ସମ୍ମାନ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନଠାରେ ଅନୁଷ୍ଠିତ ହେବାକୁ ଥିବା ଏକ ସ୍ୱତନ୍ତ୍ର ସମାରୋହରେ ଜାତୀୟ ଶିକ୍ଷକ

ପୁରସ୍କାର ୨୦୨୪ ପ୍ରଦାନ କରିବେ । ଏଥିଲାଗି ମନୋନୀତ ହୋଇଥିବା ଦେଶର ୮୨ ଜଣ ଶିକ୍ଷକ ଏହି ପୁରସ୍କାର ଗ୍ରହଣ କରିବେ ।

ପ୍ରତ୍ୟେକ ବର୍ଷ ସେପ୍ଟେମ୍ବର ୫ ତାରିଖ ଦିନ ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣଙ୍କର ଜନ୍ମବାର୍ଷିକୀକୁ ଜାତୀୟ ଶିକ୍ଷକ ଦିବସ ରୂପେ ପାଳନ କରାଯାଇଥାଏ । ଶିକ୍ଷା ମନ୍ତ୍ରଣାଳୟ ଏ ସଂପର୍କରେ ଏକ ବିବୃତିରେ କହିଛି ଶିକ୍ଷା କ୍ଷେତ୍ରରେ ଦେଶର ଉତ୍ତମ ଶିକ୍ଷକମାନଙ୍କର ଉଲ୍ଲେଖନୀୟ ଅବଦାନକୁ ସ୍ୱୀକୃତି ଦେବା ସହିତ  ସେମାନଙ୍କୁ ସମ୍ମାନିତ କରିବା ହେଉଛି ଜାତୀୟ ଶିକ୍ଷକ ପୁରସ୍କାର ପ୍ରଦାନର ମୁଖ୍ୟ ଉଦ୍ଦେଶ୍ୟ । ଏହି ଶିକ୍ଷକମାନେ କେବଳ ବିଦ୍ୟାଳୟର ଶିକ୍ଷାର ମାନକୁ ଉନ୍ନତ କରି ନାହାନ୍ତି, ବରଂ ଛାତ୍ରଛାତ୍ରୀଙ୍କ ଜୀବନଶୈଳୀକୁ ମଧ୍ୟ ସକାରାତ୍ମକ ଦିଗରେ ନେବାରେ ସହାୟକ ହୋଇଛନ୍ତି । ଚଳିତବର୍ଷ ୨୮ଟି ରାଜ୍ୟ, ୩ଟି କେନ୍ଦ୍ରଶାସିତ ଅଞ୍ଚଳ ଏବଂ ୬ଟି ସଂଗଠନର ୫୦ ଜଣ ଶିକ୍ଷକଙ୍କୁ ଏହି ପୁରସ୍କାର ପ୍ରଦାନ ଲାଗି ମନୋନୀତ କରାଯାଇଛି । ଏଥିସହିତ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ୧୬ ଜଣ ଏବଂ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟର ୧୬ ଜଣ ଶିକ୍ଷକଙ୍କୁ ମଧ୍ୟ ଆଜି ଏହି ସମ୍ମାନରେ ସମ୍ମାନିତ କରାଯିବ । ଆଜି ପୁରସ୍କୃତ ହେବାକୁ ଥିବା କୃତୀ ଶିକ୍ଷକମାନଙ୍କୁ ମାନପତ୍ର, ୫୦ ହଜାର ଟଙ୍କାର ନଗଦ ପୁରସ୍କାର ସହିତ ଗୋଟିଏ ଲେଖାଏଁ ରୌପ୍ୟ ପଦକ ମଧ୍ୟ ପ୍ରଦାନ କରାଯିବ ବୋଲି ଶିକ୍ଷା ମନ୍ତ୍ରଣାଳୟ କହିଛି ।

ଆଜିର ଏହି ପୁରସ୍କାର ପ୍ରଦାନ ସମାରୋହକୁ ଅପରାହ୍ଣ ୪ଟା ୧୦ ମିନିଟ୍‌ଠାରୁ ଆକାଶବାଣୀ ଦିଲ୍ଲୀ, ଏଫ୍‌ଏମ୍ ଗୋଲ୍‌ଡ, ଇନ୍ଦ୍ରପ୍ରସ୍ଥ ଏବଂ ଆକାଶବାଣୀ ଲାଇଭ୍ ନିଉଜ୍ ଚ୍ୟାନେଲ୍‌ରେ ପ୍ରସାରର କରାଯିବ । ଏତଦ୍‌ବ୍ୟତୀତ ଆକାଶବାଣୀ ଏଆଇଆର୍, ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମଧ୍ୟ ଏହି କାର୍ଯ୍ୟକ୍ରମର ଲାଇଭ୍ ଷ୍ଟ୍ରିମିଙ୍ଗ୍ କରାଯିବ ବୋଲି ସୂଚନା ଦିଆଯାଇଛି ।

## ଅମୃତ ଉଦ୍ୟାନ

ଶିକ୍ଷକ ଦିବସ ଅବସରରେ ଆଜି ରାଷ୍ଟ୍ରପତି ଭବନରେ ଥିବା ଅମୃତ ଉଦ୍ୟାନ କେବଳ ଶିକ୍ଷକଙ୍କ ଲାଗି ଉନ୍ମୁକ୍ତ ରହିବ । ରାଷ୍ଟ୍ରପତିଙ୍କ ସଚିବାଳୟ ପକ୍ଷରୁ ଏ ସଂପର୍କରେ ଜାରି କରାଯାଇଥିବା ଏକ ବିବୃତିରେ କୁହାଯାଇଛି ଏଥିଲାଗି ଶିକ୍ଷକମାନେ ରାଷ୍ଟ୍ରପତି ଭବନର ଗେଟ୍ ନମ୍ବର ୩୫ ଦେଇ ଭିତରକୁ ଆସିପାରିବେ । କେନ୍ଦ୍ରୀୟ ସଚିବାଳୟ ମେଟ୍ରୋ ଷ୍ଟେସନ୍‌ଠାରୁ ଏହି ଗେଟ୍ ପର୍ଯ୍ୟନ୍ତ ଶୁଳ୍କ ମୁକ୍ତ ବସ୍ ସେବା ଉପଲବ୍‌ଧ ହେଉଛି ।

ଅମୃତ ଉଦ୍ୟାନ ଗ୍ରୀଷ୍ମକାଳୀନ ବାର୍ଷିକ ସଂସ୍କରଣ ୨୦୨୪ ଗତମାସ ୧୬ ତାରିଖଠାରୁ ଆରମ୍ଭ ହୋଇ ଚଳିତମାସ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ । ସୋମବାର ବ୍ୟତୀତ ଜନସାଧାରଣ ମାଗଣାରେ ସକାଳ ୧୦ଟାରୁ ସନ୍ଧ୍ୟା ୬ଟା ମଧ୍ୟରେ ଏହି ସଂସ୍କରଣରେ ଭାଗ ନେଇପାରିବେ । ଏଥିଲାଗି ପରିଦର୍ଶକଙ୍କୁ ରାଷ୍ଟ୍ରପତି ଭବନ ୱେବ୍‌ସାଇଟ୍‌ରେ ନିଜର ଅନ୍‌ଲାଇନ୍ ମାଧ୍ୟମରେ ସ୍ଲଟ୍ ବୁକିଂ କରିବାକୁ ପଡ଼ିବ । ଏତଦ୍‌ବ୍ୟତୀତ ୱାକ୍‌ଇନ୍

ଭିଜିଟର୍ସମାନେ ଗେଟ୍ ନମ୍ବର ୩୫ ସମ୍ମୁଖରେ ଥିବା କିଓସ୍କୋରେ ନିଜ ନାମ ପଞ୍ଜୀକୃତ କରାଇ ପାରିବେ । ଗତକାଲି ସୁଦ୍ଧା ଏହି ସମାରୋହରେ ଦେଢ଼ଲକ୍ଷରୁ ଊର୍ଦ୍ଧ୍ୱ ପରିଦର୍ଶକ ପରିଦର୍ଶନ କରିସାରିଛନ୍ତି ବୋଲି ଏକ ବିବୃତିରେ କୁହାଯାଇଛି ।

# ହରିଆଣା ନିର୍ବାଚନ ବିଜ୍ଞପ୍ତି

ହରିଆଣା ବିଧାନସଭା ନିର୍ବାଚନ ଲାଗି ଆଜି ବିଜ୍ଞପ୍ତି ପ୍ରକାଶ ପାଇବ । ଏଥିସହିତ ଆଜିଠାରୁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହେବ । ୯୦ ଆସନ ବିଶିଷ୍ଟ ହରିଆଣା ବିଧାନସଭା ଲାଗି ଆସନ୍ତା ଅକ୍ଟୋବର ୫ ତାରିଖରେ ନିର୍ବାଚନ ହେବ ଏବଂ ୮ ତାରିଖରେ ଭୋଟ୍ ଗଣନା କରାଯିବ ।

# ହରିଆଣା-ଇଲେକ୍ସନ

ହରିଆଣା ବିଧାନସଭା ନିର୍ବାଚନ ଲାଗି ଭାରତୀୟ ଜନତା ପାର୍ଟି ପକ୍ଷରୁ ପ୍ରଥମ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି। ୬୭ ଜଣଙ୍କର ନାମଥିବା ଏହି ତାଲିକା ଗତ ସନ୍ଧ୍ୟାରେ ଦଳ ପକ୍ଷରୁ ଜାରି କରାଯାଇଛି । ଏହି ତାଲିକାରେ ୮ ଜଣ ମହିଳା ପ୍ରାର୍ଥୀଙ୍କୁ ଦଳ ମନୋନୀତ କରିଥିବା ଜଣାଯାଇଛି । ମିଳିଥିବା ସୂଚନା ଅନୁଯାୟୀ ମୁଖ୍ୟମନ୍ତ୍ରୀ ନାଏବ ସିଂ ସାଇନି ଲାଡୋ ଆସନରୁ ପ୍ରତିଦ୍ୱନ୍ଦିତା କରିବାକୁ ଥିବାବେଳେ ବାଚସ୍ପତି ଜ୍ଞାନଚାନ୍ଦ ଗୁପ୍ତା ପଞ୍ଚକୁଲାରୁ ଏବଂ ପୂର୍ବତନ ମନ୍ତ୍ରୀ ଅନୀଲ ଭିଜ୍ ଅମ୍ବାଲା କ୍ୟାଣ୍ଟ୍

ଆସନରୁ ନିର୍ବାଚନ ଲଢ଼ିବେ । ଏଥିସହିତ ଅସୀମ ଗୋଏଲ୍ ଅମ୍ବାଲା ସହର, କନୱାର ପାଲ ଗୁର୍ଜର ଜଗଧାରୀରୁ ଏବଂ ଘନଶ୍ୟାମ ଦାସ ଆରୋରା ଯମୁନାନଗର ଆସନରୁ ପ୍ରାର୍ଥୀ ହୋଇଛନ୍ତି ।

ସେହିଭଳି ବିଜେପି ରାମକୁମାର ଗୌତମଙ୍କୁ ସାଫିଡନରୁ ପ୍ରାର୍ଥୀ କରିଥିବା ବେଳେ ଦେବେନ୍ଦ୍ର ସିଂ ବାବ୍‌ଲିଙ୍କୁ ତୋହାନା ଲାଗି, ଏବଂ କ୍ୟାପ୍‌ଟେନ୍ ଅଭିମନ୍ୟୁଙ୍କୁ ନାର୍ନାଉନ୍ଦ ଆସନ ଲାଗି  ମନୋନୀତ କରିଛି । ଏହାଛଡ଼ା ନିକଟରେ କଂଗ୍ରେସ ଛାଡ଼ି ବିଜେପିରେ ଯୋଗଦେଇଥିବା ଶ୍ରୁତି ଚୌଧୁରୀଙ୍କୁ ତୋଷାମରୁ ଓ  ପୂର୍ବତନ ସାଂସଦ ସୁନିତା ଡୁଗଲଙ୍କୁ ରାତିଆରେ ଦଳ ପ୍ରାର୍ଥୀ କରିଛି ।

## ଏପ୍-ଫ୍ଲଡ-ସେଣ୍ଟ୍ରାଲ୍ ଟିମ୍

ଏକ କେନ୍ଦ୍ରୀୟ ଆନ୍ତଃ ମନ୍ତ୍ରଣାଳୟ ଦଳ ଆଜି ଆନ୍ଧ୍ରପ୍ରଦେଶର ବନ୍ୟା ପ୍ରଭାବିତ ଜିଲ୍ଲା ଗସ୍ତ କରିବ । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ସଚିବ ସଂଜୀବ କୁମାର ଜିନ୍ଦଲଙ୍କ ନେତୃତ୍ୱରେ ଗଠିତ ଏହି ଦଳ କ୍ରିଷ୍ଣା, ଏନ୍‌ଟିଆର୍, ଗୁଣ୍ଟୁରୁ ଓ ଅନ୍ୟାନ୍ୟ ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କରି କ୍ଷୟକ୍ଷତିର ଆକଳନ କରିବା ସହିତ ପ୍ରଭାବିତ ଲୋକଙ୍କ ସହିତ ସିଧାସଳଖ ଆଲୋଚନା କରିବେ । ଅନ୍ୟମାନଙ୍କ ମଧ୍ୟରେ ଜାତୀୟ ବିପର୍ଯ୍ୟୟ ପରିଚାଳନା ସଂସ୍ଥାର ପରାମର୍ଶଦାତା କେ.ପି.ସିଂ, କେନ୍ଦ୍ରୀୟ ଜଳ ଆୟୋଗର ନିର୍ଦ୍ଦେଶକ ସିଦ୍ଧାର୍ଥ ମିତ୍ର, ରମେଶ କୁମାର, ଜାତୀୟ ଡ୍ୟାମ ସୁରକ୍ଷା କର୍ତ୍ତୃପକ୍ଷଙ୍କ ଦକ୍ଷିଣାଞ୍ଚଳ

ଜୋନ୍ ନିର୍ଦ୍ଦେଶକ ଆର୍. ଗିରିଧର ଏବଂ ଏନ୍‌ଡିଆରଏଫ୍ ଦଶମ ବାଟାଲିୟନ୍ କମାଣ୍ଡାଣ୍ଟ ଭି.ଭି.ଏନ୍. ପ୍ରସନ୍ନ ଏହି କେନ୍ଦ୍ରୀୟ ଦଳରେ ସାମିଲ ଅଛନ୍ତି ।

ଅନ୍ୟପକ୍ଷରେ ଆନ୍ଧ୍ରପ୍ରଦେଶର ବନ୍ୟା ପ୍ରଭାବିତ ଅଞ୍ଚଳରେ  ପ୍ରଭାବିତ ଲୋକଙ୍କୁ ସହାୟତା ଦେବା ଉଦ୍ଦେଶ୍ୟରେ ୨୬ଟି ଏନ୍‌ଡିଆରଏଫ୍ ଦଳକୁ ନିୟୋଜିତ କରାଯାଇଛି । ଏହି ଦଳ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ କେନ୍ଦ୍ର ଓ ରାଜ୍ୟ ସଂସ୍ଥାଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରୁଛନ୍ତି । ଏପର୍ଯ୍ୟନ୍ତ ଏନ୍‌ଡିଆରଏଫ୍ ୩୦୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ଉଦ୍ଧାର କରିଥିବା ବେଳେ ପ୍ରାୟ ୧୨ ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିଛନ୍ତି । ବନ୍ୟା ପ୍ରଭାବିତ ଅଞ୍ଚଳରେ ରିଲିଫ୍  ଓ ମେଡ଼ିକାଲ ସହାୟତା ଯୋଗାଇ ଦିଆଯାଉଛି ।

# ଟେକ୍ସଟାଇଲ୍ ଏକ୍ସପୋ

ଭାରତର ବୟନ ଶିଳ୍ପ କାରବାର ୨୦୩୦ ମସିହା ସୁଦ୍ଧା ୩୫୦ ବିଲିୟନ୍  ଆମେରିକୀୟ ଡଲାର ଛୁଇଁବାର ସମ୍ଭାବନା ରହିଛି ବୋଲି କେନ୍ଦ୍ର ବୟନଶିଳ୍ପ ମନ୍ତ୍ରୀ ଗିରିରାଜ ସିଂ କହିଛନ୍ତି । ଗତକାଲି ନୂଆଦିଲ୍ଲୀଠାରେ ଭାରତ ଟେକ୍‌ସ-୨୦୨୫ର ପ୍ରସ୍ତୁତି ନେଇ ସମୀକ୍ଷା କରିବା ପରେ ସେ ଏହା କହିଛନ୍ତି । ଶ୍ରୀ ସିଂ କହିଛନ୍ତି ବିଶ୍ୱସ୍ତରରେ ଆମ ଦେଶ ନିଜର ଭାରତ ବ୍ରାଣ୍ଡ ଏବଂ ସବୁଜ ଓ ପୁନଃ ବ୍ୟବହାରକ୍ଷମ ବୟନ ଉତ୍ପାଦ ଲାଗି ପ୍ରଶଂସାର

ପାତ୍ର ହୋଇପାରିଛି । ଏଥିସହିତ କେନ୍ଦ୍ର ସରକାରଙ୍କ ଏହି କ୍ଷେତ୍ର ଲାଗି ଉତ୍ପାଦନ ଭିତ୍ତିକ ପ୍ରୋତ୍ସାହନ ଯୋଜନା ଦ୍ୱାରା ଅନେକ ସୁଫଳ ମିଳିଛି ବୋଲି ଶ୍ରୀ ସିଂ କହିଛନ୍ତି ।

ବିଶ୍ୱ ବୟନ ଶିଳ୍ପ ପ୍ରଦର୍ଶନୀ **ଭାରତ ଟେକ୍ସ-୨୦୨୫** ଆସନ୍ତାବର୍ଷ ଫେବୃୟାରୀ ୧୪ରୁ ୧୭ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀସ୍ଥିତ ଭାରତ ମଣ୍ଡପମ୍‌ଠାରେ ଅନୁଷ୍ଠିତ ହେବ । ଏଥିରେ ୫ ହଜାରରୁ ଊର୍ଦ୍ଧ୍ୱ ବୟନ ଶିଳ୍ପ କାରିଗର ନିଜର ଉତ୍ପାଦ ପ୍ରଦର୍ଶନ କରିବାକୁ ଥିବା ବେଳେ ୬ ହଜାର ଆନ୍ତର୍ଜାତିକ କ୍ରେତା ମଧ୍ୟ ଏଥିରେ ଅଂଶ ଗ୍ରହଣ କରିବେ ।

# ପାରା ଅଲିମ୍ପିକ୍ସ

ପ୍ୟାରିସ୍ ପାରାଅଲିମ୍ପିକ୍ସ ୨୦୨୪ର ପୁରୁଷ ତୀରନ୍ଦାଜ ବ୍ୟକ୍ତିଗତ ରିକର୍ଭ ଓପନ୍ ଫାଇନାଲ୍‌ରେ ବିଜୟୀ ହୋଇ ଭାରତର ହରବିନ୍ଦର ସିଂ ସ୍ୱର୍ଣ୍ଣପଦକ ଜିତିବା ସହିତ ଇତିହାସ ସୃଷ୍ଟି କରିଛନ୍ତି । ଏଥିସହିତ ପାରାଅଲିମ୍ପିକ୍ସ ବା ଅଲିମ୍ପିକ୍ସ ପ୍ରତିଯୋଗିତାର ତୀରନ୍ଦାଜ ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରିବାରେ ହରବିନ୍ଦର ହେଉଛନ୍ତି ପ୍ରଥମ ଭାରତୀୟ ।

ଏହାଛଡା ଗତକାଲି ରାତିରେ ପୁରୁଷ କ୍ଲବ୍ ଥ୍ରୋ ଏଫ୍-୫୧ ଫାଇନାଲ୍‌ରେ ଭାରତର ଧରମବୀର ବିଜୟୀ ହୋଇ ସ୍ୱର୍ଣ୍ଣପଦକ ହାସଲ କରିଥିବା ବେଳେ ପ୍ରଣବ ସୁର୍‌ମା ରୌପ୍ୟ ପଦକ ହାସଲ କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏଥିଲାଗି ହରବିନ୍ଦରଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ ହରବିନ୍ଦର ସିଂଙ୍କର ସଫଳତାକୁ ପ୍ରଶଂସା କରିବା ସହିତ ପାରା-ତୀରନ୍ଦାଜ ବର୍ଗରେ ଏହାକୁ ଏକ ସ୍ୱତନ୍ତ୍ର ପୁରସ୍କାର ଭାବେ ଅଭିହିତ କରିଛନ୍ତି । ହରବିନ୍ଦରଙ୍କର ନିଷ୍ଠା ଓ ପ୍ରତିଶ୍ରୁତିବଦ୍ଧତାକୁ ସେ ପ୍ରଶଂସା କରିବା ସହିତ ତାଙ୍କର ଏହି ସଫଳତାରେ ଭାରତ ଗର୍ବିତ ବୋଲି ଉଲ୍ଲେଖ କରିଛନ୍ତି ।

ଏଥିସହିତ ପ୍ରଧାନମନ୍ତ୍ରୀ ପ୍ୟାରିସ୍ ଅଲିମ୍ପିକ୍ସରେ ପଦକ ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସୋସିଆଲ୍ ମିଡ଼ିଆରେ ପୋଷ୍ଟ କରି ସେ କହିଛନ୍ତି ଭାରତୀୟ ଖେଳାଳିମାନଙ୍କର ଉତ୍ସର୍ଗୀକୃତ ମନୋଭାବ ଏବଂ ନିଷ୍ଠାପର ଉଦ୍ୟମ ଯୋଗୁଁ ପାରାଅଲିମ୍ପିକ୍ସର ଏକକ ସଂସ୍କରଣରେ ସର୍ବୋଚ୍ଚ ସଂଖ୍ୟକ ପଦକ  ହାସଲ କରାଯାଇ ପାରିଛି ।